## Odisha Legislative Assembly

### ପ୍ରଥମ ଅଧିବେଶନ

### ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୩ ଜୁଲାଇ ୨୦୨୪

----

: [ପଞ୍ଚାୟତିରାଜ ଓ ପାନୀୟ ଜଳ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ଗୃହ ନିର୍ମାଣ ଓ ନଗର ଉନ୍ନୟନ ].

**ମୋଟ ପ୍ରଶ୍ନର ସଂଖ୍ୟା - ୪୦**

----

### ପଞ୍ଚାୟତ ରାସ୍ତା କଂକ୍ରିଟ୍ ହେବା

1 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାର କେଉଁ ବ୍ଲକରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଅଛି ଏବଂ ସେଥିମଧ୍ୟରୁ କେତେ କି.ମି. କଂକ୍ରିଟ ରାସ୍ତା ହୋଇସାରିଛି ଅବଶିଷ୍ଟ ରାସ୍ତା କେବେ ସୁଦ୍ଧା କଂକ୍ରିଟ୍ ହେବା ପାଇଁ ଖସଡା ପ୍ରସ୍ତୁତ ହୋଇଛି ଜଣାଇବା ସହ କେଉଁ GP/PS Road ଗୁଡିକ RD ଓ R & B କୁ ହସ୍ତାନ୍ତର ପାଇଁ ପ୍ରସ୍ତାବିତ ହୋଇ କେଉଁ ପର୍ଯ୍ୟାୟରେ ଅଛି ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

### ବ୍ଲକରେ ଆର୍ଥିକ ଅନିୟମିତତା

2 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019-2024 ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାର କେଉଁ ବ୍ଲକ ଗୁଡିକରେ ଆର୍ଥିକ ଅନିୟମିତତା ଓ ଉନ୍ନୟନ ମୂଳକ କାର୍ଯ୍ୟରେ ବ୍ୟତିକ୍ରମ ନେଇ ଅଭିଯୋଗ ଆସିଥିଲା ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ଏବଂ ଏହା ଆଧାରରେ କେବେ କେଉଁ ଅଧିକାରୀ କି ପ୍ରକାରର ପଦକ୍ଷେପ ଗ୍ରହଣ କରିଛନ୍ତି ଏହାର ଜିଲ୍ଲାୱାରୀ, ବ୍ଲକୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଜରାଜୀର୍ଣ୍ଣ ରାସ୍ତା ମରାମତି

3 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେଉଁ ଗ୍ରାମରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା କଂକ୍ରିଟ୍, ପେବର ବ୍ଲକ ହୋଇଛି ; କେତେ କିଲୋମିଟର ଜରାଜୀର୍ଣ୍ଣ ମାଟି ରାସ୍ତା ଅଛି ; ଏହାକୁ କଂକ୍ରିଟ୍ ବା ପେବର ବ୍ଲକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ବଲାଙ୍ଗୀର ପୌରପାଳିକାର ରାସ୍ତା ମରାମତି

4 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ପୌରପାଳିକା ଅଧିନରେ କେତେ କିଲୋମିଟର ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା କଙ୍କ୍ରିଟ୍ ; ପେବର ବ୍ଲକ ହୋଇଛି ; କେତେ କିଲୋମିଟର ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ; ଏହାର ପୁନଃନିର୍ମାଣ ପୂର୍ବକ ଗମନାଗମନ ଉପଯୋଗୀ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱରେଜ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ପଦକ୍ଷେପ

5 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଟକ ସିଡିଏ ଅଞ୍ଚଳରେ ସ୍ୱରେଜ ବ୍ୟବସ୍ଥା ଦୀର୍ଘ ୪୦ ବର୍ଷ ପୂର୍ବରୁ ଆରମ୍ଭ କରାଯାଇଥିଲା, ବର୍ତ୍ତମାନ ଏହା ଅଚଳ ହେବାକୁ ଲାଗିଲାଣି, ଯାହା ଫଳରେ ଉକ୍ତ ଅଞ୍ଚଳରେ ମଇଳା ପାଣି ରାସ୍ତା ଉପରେ କୃତିମ ବନ୍ୟା ସୃଷ୍ଟି ହେଉଛି, ଜନସାଧାରଣ ନାହିଁ ନଥିବା ହଇରାଣ ହେଉଛନ୍ତି, ବର୍ତ୍ତମାନ ଏହି ସ୍ୱରେଜ ବ୍ୟବସ୍ଥାକୁ ସଂପୂର୍ଣ୍ଣ ଭାଙ୍ଗି ନୂତନ ଭାବେ ତିଆରି କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ଚମ୍ପୁଆ ବିଜ୍ଞାପିତ ଅଞ୍ଚଳର ଭିତ୍ତିଭୂମୀ ଉନ୍ନୟନ

6 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ନବଗଠିତ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ନୂତନ ସହରୀ ଯୋଜନା ପ୍ରଣୟନ କରି ଏହାର ସହରାଞ୍ଚଳ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ନଦୀଜଳ ପ୍ରଦୂଷଣମୁକ୍ତ

7 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କେନ୍ଦୁଝର ଜିଲ୍ଲାରୁ ପ୍ରବାହିତ ଗୁପ୍ତଗଙ୍ଗା ସ୍ୱରୂପିଣୀ ପୁଣ୍ୟତୋୟା ବୈତରଣୀ ନଦୀ ପ୍ରଦୂଷିତ ହୋଇଥିବା ସମ୍ପର୍କରେ ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ ଏହାକୁ ସମ୍ପୂର୍ଣ୍ଣ ପ୍ରଦୂଷଣମୁକ୍ତ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପ୍ରତ୍ୟେକ ପଂଚାୟତରେ ବିଶ୍ରାମ ଗୃହ ନିର୍ମାଣ

8 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟରେ ପ୍ରତ୍ୟେକ ପଂଚାୟତରେ ଅତିଥି ଭବନ ବା ବିଶ୍ରାମ ଗୃହ ନିର୍ମାଣ ପାଇଁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ନୂତନ ବିଜ୍ଞାପିତ ଅଂଚଳରେ ନୂତନ ସହରୀ ଯୋଜନା ପ୍ରଣୟନ

9 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ନବଘୋଷିତ ସାଲେପୁର ବିଜ୍ଞାପିତ ଅଂଚଳ ପରିଷଦର ଉନ୍ନତ ସହରୀ ଯୋଜନା ପ୍ରଣୟନ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ନିମ୍ନମାନର ରାସ୍ତା କାର୍ଯ୍ୟ

10 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- କନ୍ଧମାଳ ଜିଲ୍ଲାରେ ମାଡ଼କାନି, ଶ୍ରୀ ଇନଫ୍ରା ଓ ମିତଲ କନଷ୍ଟ୍ରକସନ କମ୍ପାନୀ ମୋଟ କେତୋଟି ରାସ୍ତା ଏବଂ ସେତୁକାର୍ଯ୍ୟ କେତେ ଟଙ୍କାରେ Tender ନେଇଛି; ସେଥିମଧ୍ୟରୁ କେତୋଟି ସମ୍ପୂର୍ଣ୍ଣ ହୋଇଯାଇଛି ଓ କେତୋଟି ଅସମ୍ପୂର୍ଣ୍ଣ ଅଛି; କେଉଁ କେଉଁ କାମ Tender ପାଇକି ମଧ୍ୟ ଆଜି ସୁଦ୍ଧା ଆରମ୍ଭ କରିନାହିଁ ;ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ଏହି ତିନୋଟି କମ୍ପାନୀ କେଉଁ କେଉଁ କାମ ହାତକୁ ନେଇଛି ଏବଂ ସାଧାରଣ ଲୋକଙ୍କ ଅଭିଯୋଗ ଯେ ନିମ୍ନମାନର କାମ ହେଉଥିବାରୁ ସରକାର ତଦନ୍ତ କମିଟି ଗଠନ କରି କାମର ମାନ ପରୀକ୍ଷା କରିବେ କି ?

----

## ପାଇପ ଯୋଗେ ପାନୀୟ ଜଳ ଯୋଗାଣ

11 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରତ୍ୟେକ ଘରକୁ ଶୁଦ୍ଧ ପାନୀୟ ଯୋଗେ ଯୋଗାଇବା ପାଇଁ କେତେ ଦିନ ସମୟ ଲାଗିବ ; ବର୍ତ୍ତମାନ ସୁଦ୍ଧା କେତେ ଘରକୁ ପାନୀୟ ଜଳ ଯୋଗାଣ ହୋଇପାରି ନାହିଁ, ବ୍ଲକୱାରୀ ତାର ତାଲିକା ପ୍ରଦାନ କରିବେ କି ?

----

## ପରିବାରକୁ ପକ୍କାଘର ଯୋଗାଣ

12 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ମାହାଙ୍ଗା ଓ ନିଶ୍ଚିତ କୋଇଲି ବ୍ଲକର ମୋଟ କେତେ ପରିବାର ମଧ୍ୟରୁ କେତେ ପରିବାରର ପକ୍କାଘର ନାହିଁ, ତାହାର ପଞ୍ଚାୟତୱାରୀ ବିବରଣୀ ଦର୍ଶାଇ ପ୍ରତ୍ୟେକ ପରିବାରକୁ ପକ୍କାଘର ଯୋଗାଇଦେବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ସ୍ୱଚ୍ଛ ପାନୀୟଜଳ ଯୋଗାଣ

13 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତୁରେଇକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପୂର୍ଣ୍ଣାଙ୍ଗ ହୋଇଛି, କେଉଁ ପ୍ରକଳ୍ପ ନିର୍ମାଣାଧୀନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ସମସ୍ତ ଗ୍ରାମକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପୂର୍ଣ୍ଣାଙ୍ଗ କରି ଲୋକଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ବନ୍ୟପ୍ରାଣୀ ଦ୍ୱାରା ଫସଲ ହାନୀ

14 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବନ୍ୟପ୍ରାଣୀଙ୍କ ଆକ୍ରମଣରେ କେଉଁ ଫସଲହାନୀ ପାଇଁ ଏକର ପିଛା କେତେ କ୍ଷତିପୂରଣ ବ୍ୟବସ୍ଥାଥିବାବେଳେ ମନୁଷ୍ୟ ଓ ଗୃହପାଳିତ ପଶୁଙ୍କ ମୃତ୍ୟୁ ଓ ଆହତ ନିମନ୍ତେ କେତେ କ୍ଷତିପୂରଣ ରାଶି ପ୍ରଦାନର ବ୍ୟବସ୍ଥା ଅଛି, ପ୍ରକାଶ କରି କୃଷି ବିଭାଗ ଆକଳନ ଅନୁଯାୟୀ ବିଭିନ୍ନ ଫସଲ ପାଇଁ ହେଉଥିବା ଖର୍ଚ୍ଚ ଓ ଚାଷୀମାନେ ଫସଲଚାଷ କରି ପାଇବାକୁ ଥିବା ଅମଳକୁ ଆକଳନ କରି କ୍ଷତି ପୂରଣ ରାଶି ପ୍ରଦାନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ଏବଂ ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଗତ ପାଞ୍ଚବର୍ଷରେ ବନ୍ୟପ୍ରାଣୀ ଆକ୍ରମଣରେ କେତେ ଫସଲହାନୀ ଓ ଜୀବନହାନୀ ହୋଇଥିବାବେଳେ କେତେ କ୍ଷତିପୂରଣ ରାଶି ପ୍ରଦାନ ହୋଇଛି ତାହାର ଘଟଣାୱାରୀ ବିବରଣୀ ପ୍ରଦାନ କରିବେକି ?

----

## ଜୟପୁର ନିର୍ବାଚନ ମଣ୍ଡଳୀର ହେବାକୁ ଥିବା ବିଭିନ୍ନ କାର୍ଯ୍ୟ

15 **ଶ୍ରୀ ତାରା ପ୍ରଶାଦ ବାହିନିପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଚଳିତ ଆର୍ଥୀକ ବର୍ଷ ପାଇଁ ବିଭାଗ ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲା ଜୟପୁର ନିର୍ବାଚନ ମଣ୍ଡଳୀ ପାଇଁ କି କି କାର୍ଯ୍ୟ ହାତକୁ ନିଆଯାଇଛି ଏବଂ ଉକ୍ତ କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି ?

----

## ନଦୀ ଜଳ ପ୍ରଦୂଷଣ ମୁକ୍ତ କରିବା

16 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ଭଦ୍ରକ ଜିଲ୍ଲାର ଶାଳନ୍ଦୀ ସହ କେଉଁ ନଦୀ ପ୍ରଦୂଷିତ ହୋଇଛି ପ୍ରକାଶ କରି ଏହି ନଦୀଗୁଡ଼ିକୁ ପ୍ରଦୂଷଣ ମୁକ୍ତ କରିବାକୁ କି ପଦକ୍ଷେପ ନିଆଯ଼ାଉଅଛି ?

----

## ନୂତନ ବ୍ଲକ୍ ଗଠନ ନିମନ୍ତେ ପଦକ୍ଷେପ

17 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ରାଜ୍ୟରେ ନୂଆ ବ୍ଲକ ପ୍ରତିଷ୍ଠାପାଇଁ ସରକାରଙ୍କ ବିଚାର ଓ ନୀତି କଣ ହେବ କେଉଁ ଆଧାରରେ ନୂଆ ବ୍ଲକ ଗଠନ ହେବ ତାହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି, ଜଳେଶ୍ୱର ନିର୍ବାଚନ ମଣ୍ଡଳୀରେ ରାଇବଣିଆ (RAIBANIA) ଠାରେ ଏକ ନୂଆବ୍ଲକ ଗଠନ ନିମନ୍ତେ ସରକାର କଣ ପଦକ୍ଷେପ ଗ୍ରହଣ କରିବେ ?

----

## ନୂତନ Municipality ଓ NAC ଗଠନ ଓ କାର୍ଯ୍ୟକାରୀ

18 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିः-ः- ସରକାରଙ୍କ ଘୋଷଣା ଅନୁଯାୟୀ ରାଜ୍ୟରେ କେଉଁ ଜିଲ୍ଲାର କେଉଁଠାରେ ନୂଆ ମ୍ୟୁନିସିପାଲିଟି ଓ ଏନ୍.ଏ.ସି ଗଠନ କରାଯାଇ ନୀତିଗତ ନିଷ୍ପତ୍ତି ନିଆଯାଇଛି ତାହାର ସବିଶେଷ ତଥ୍ୟ ସରକାର ଉପସ୍ଥାପନ କରିବେ କି କେବେଠାରୁ ବିଧିବଦ୍ଧ ଭାବରେ ସଂସ୍ଥା ଗୁଡ଼ିକ କାର୍ଯ୍ୟକାରୀ କରାଯିବ ?

----

## ଜଳମିଶନ ଦ୍ୱାରା ଅନୁଦାନ ପ୍ରଦାନ

19 **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦ୍ର ସରକାର ଜଳଜୀବନ ମିଶନ ରେ 2024 ଆର୍ଥିକ ବର୍ଷ ପର୍ଯ୍ୟନ୍ତ କେତେ ଅନୁଦାନ ରାଶି ରାଜ୍ୟକୁ ପ୍ରଦାନ କରିଛନ୍ତି ସେଥିରୁ ପୁରୀ ଜିଲ୍ଲା ପାଇଁ କେତେ ଅର୍ଥ ରାଶି ପ୍ରଦାନ କରାଯାଇଛି କାକଟପୁର ନିର୍ବାଚନ ମଣ୍ଡଳୀ ପାଇଁ ଆରମ୍ଭ ହେଉଥିବା ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ କେଉଁ କେଉଁ ପଞ୍ଚାୟତ କେଉଁ କେଉଁ ଗ୍ରାମକୁ ପାନୀୟ ଜଳ ଯୋଗା ଯିବ ତାହାର ସମ୍ପୂର୍ଣ୍ଣ ବିବରଣୀ ରଖିବେ କି ଏବଂ ଏହି କାର୍ଯ୍ୟ କେବେ ସୁଦ୍ଧା ଶେଷ ହେବ ନିର୍ଦ୍ଦିଷ୍ଟ ଭାବରେ କହିବେ କି ?

----

## ଜଳ ନିଷ୍କାସନ ପାଇଁ ପଦକ୍ଷେପ

20 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ପୌରପାଳିକା ଅଞ୍ଚଳରେ ଜଳ ନିଷ୍କାସନ ପାଇଁ ସରକାର କି ସ୍ୱତନ୍ତ୍ର ମାଷ୍ଟର ପ୍ଲାନ ପ୍ରସ୍ତୁତ କରୁଛନ୍ତି, ପ୍ରକାଶ କରି ବର୍ଷାଦିନେ ଜଟଣୀ ପୌରପାଳିକାକୁ ଶୂନ୍ୟ ଜଳପ୍ଲାବନ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ମୃତ୍ୟୁବରଣ କରିଥିବା ଶ୍ରମିକଙ୍କ ତାଲିକା

21 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷରେ ଓଡ଼ିଶାରୁ ବାହାର ପ୍ରଦେଶ ଓ ବିଦେଶରେ କାମ କରିବାକୁ ଯାଇ କେତେଜଣ ଶ୍ରମିକ ମୃତ୍ୟୁବରଣ କରିଛନ୍ତି, ତାହାର ତାଲିକା ଦର୍ଶାଇ ତନ୍ମଧ୍ୟରୁ କେଉଁମାନଙ୍କ ଶବକୁ ସରକାରଙ୍କ ତରଫରୁ ଅଣାଯାଇ ତାଙ୍କ ଜନ୍ମମାଟିରେ ଶେଷକୃତ୍ୟ ସମ୍ପାଦନ କରାଯାଇଛି, ତାହାର ତାଲିକା ପ୍ରଦାନ କରିବେ କି ?

----

## କେଉଁଝର ଜିଲ୍ଲାରେ ଅଚଳ ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ

22 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେଉଁଝର ଜିଲ୍ଲାରେ କେଉଁଠାରେ ପ୍ରତିଷ୍ଠିତ କେଉଁ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ଅଚଳ ଅବସ୍ଥାରେ ଅଛି ଓ ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## କେନ୍ଦୁଝର ଜିଲ୍ଲାରେ ଜରାଜୀର୍ଣ୍ଣ ସେତୁର ପୁନଃ ନିର୍ମାଣ

23 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ ଗ୍ରାମ୍ୟ ଉନ୍ନୟନ ସେତୁ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପ ଯୋଜନାରେ ବୃକ୍ଷରୋପଣ

24 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାରେ ବିଗତ ପାଞ୍ଚ ବର୍ଷରେ ଶ୍ରୀ ଜଗନ୍ନାଥ ବନ ପ୍ରକଳ୍ପ ଯୋଜନାରେ କେଉଁ ବନଖଣ୍ଡରେ କେତେ ବୃକ୍ଷ ରୋପଣ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଜରାଜୀର୍ଣ୍ଣ ଗ୍ରାମ ପଞ୍ଚାୟତ ଗୃହର ପୁନଃ ନିର୍ମାଣ

25 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କେନ୍ଦୁଝର ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତ ଗୃହ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରୋଗୀଙ୍କ ବିବରଣୀ

26 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ମଧୁପାଟଣା ଓ ଚୌଦ୍ୱାର କର୍ମଚାରୀ ରାଜ୍ୟବୀମା ଚିକିତ୍ସାଳୟରେ ବିଗତ ତିନି ବର୍ଷରେ କେତେଜଣ ଅର୍ନ୍ତବିଭାଗୀୟ ଓ ବର୍ହିଃବିଭାଗୀୟ ରୋଗୀ ଚିକିତ୍ସିତ ହୋଇଛନ୍ତି ତାହାର ବିବରଣୀ ପ୍ରଦାନ କରିବେ କି ?

----

## ଅଚଳ ସରକାରୀ ଉଦ୍ୟୋଗକୁ ପୁନଃ କାର୍ଯ୍ୟକ୍ଷମ

27 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ କେଉଁ କେଉଁ ସରକାରୀ ଉଦ୍ୟୋଗ କେବେଠାରୁ ଅଚଳ ଅବସ୍ଥାରେ ଅଛି ପ୍ରକାଶ କରି ତାହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଯନ୍ତ୍ରୀ ପଦବୀ ପୂରଣ

28 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ମଞ୍ଜୁରୀପ୍ରାପ୍ତ ସର୍ବୋଚ୍ଚ ମୁଖ୍ୟଯନ୍ତ୍ରୀ, ମୁଖ୍ୟଯନ୍ତ୍ରୀ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଅଧିକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## କଟକ ଓ ଚୌଦ୍ୱାର ସହରରେ ପଥପାର୍ଶ୍ୱ ବନୀକରଣ

29 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚଳିତ ବର୍ଷ କଟକ ଓ ଚୌଦ୍ୱାର ସହରରେ ପଥପାର୍ଶ୍ୱ ବନୀକରଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି ?

----

## ଚୌଦ୍ୱାର କଟକରେ ଥିବା କଲ୍ୟାଣ ମଣ୍ଡପ ସମ୍ପର୍କରେ

30 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରେ କେଉଁ ଗ୍ରାମ ପଞ୍ଚାୟତର କେଉଁଠାରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି, ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ବକ୍ସ ଡ୍ରେନକୁ ସଫା କରିବା ପାଇଁ ବ୍ୟବସ୍ଥା

31 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବକ୍ସ ଡ୍ରେନକୁ ସଂଯୋଗ କରିଥିବା ମୁଖ୍ୟ ଡ୍ରେନ ଗୁଡିକର କାର୍ଯ୍ୟ କେବେ ସୁଦ୍ଧା ଆରମ୍ଭ ହୋଇ ଶେଷ କରାଯିବ, ଏହା ସହିତ ବକ୍ସ ଡ୍ରେନକୁ ସଫା କରିବା ପାଇଁ କି ପ୍ରକାର ବ୍ୟବସ୍ଥା କରାଯାଇଛି, କେବେ ସୁଦ୍ଧା ବକ୍ସ ଡ୍ରେନର ସଂପୂର୍ଣ୍ଣ କାର୍ଯ୍ୟ ସମାପ୍ତ କରାଯିବ ?

----

## BSWC ଡ୍ରେନ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ

32 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ସହରର ମୁଖ୍ୟ ତିନି ଗୋଟି ଡ୍ରେନ ଯଥା- (୧) ସିଟି କଲେଜ ପଛପଟୁ ରାଜାବଗିଚା ଦେଇ ବଜ୍ରକବାଟି ଡ୍ରେନ MSWC ପର୍ଯ୍ୟନ୍ତ ଯାଇଥିବା BSWC ଡ୍ରେନ (୨) ମହିଦାସ ବଜାର ଠାରୁ ଭକ୍ତମଧୁ ବିଦ୍ୟାପୀଠ ଦେଇ ଦିବାନ ବଜାର ନିକଟସ୍ଥ MSWC-1 ପର୍ଯ୍ୟନ୍ତ ଯାଇଥିବା BSWC ଡ୍ରେନ (୩) ଦୂର୍ଗା ସିନେମା ହଲ (ଏବେର INOX) ଠାରୁ କେଶରପୁର MSWC-1 ପର୍ଯ୍ୟନ୍ତ ଯାଇଥିବା BSWC ଡ୍ରେନର କାର୍ଯ୍ୟ ଆରମ୍ଭ ହେବାପାଇଁ ବୈଷୟିକ ମଞ୍ଜୁରୀ ସହ ପ୍ରଶାସନିକ ଅନୁମୋଦନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା, କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ କରାଗଲା ନାହିଁ, DPR ପ୍ରସ୍ତୁତ ହୋଇଛି କି ନାହିଁ, ଟେଣ୍ଡର କାର୍ଯ୍ୟ ଆରମ୍ଭ ହେଲା କି ନାହିଁ, କେବେ ସୁଦ୍ଧା ଏହି କାର୍ଯ୍ୟ ଆରମ୍ଭ କରାଯିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**Details on staff members in the Cuttack Municipal Corporation**

33 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- to provide the details on how many staff members in the Cuttack Municipal Corporation (CMC) have been employed for more than six years, name of the employees with designation, responsibilities handled and reason for the same ?

----

**କଟକ ସହରରେ ପଥପାର୍ଶ୍ୱ ବନୀକରଣ**

34 **ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ସହରରେ ୨0୧୭ ଠାରୁ ଆଜି ପର୍ଯ୍ୟନ୍ତ ବିଭାଗ ତରଫରୁ କେତେ ବୃକ୍ଷ ରୋପଣ କରାଯାଇଛି ଓ କେତେ ସୁରକ୍ଷିତ ରହିଛି ଏଇଥି ପାଇଁ କେତେ ଅର୍ଥ ବିନିଯୋଗ କରାଯାଇଛି ଓ ଏହାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଚଳିତ ବର୍ଷ ପଥପାର୍ଶ୍ୱ ବନୀକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ**

35 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ କେତେଜଣ ମାଟ୍ରିକ୍ୟୁଲେସନ, ଯୁକ୍ତ ଦୁଇ ଓ ଯୁକ୍ତ ତିନି କଳା, ବାଣିଜ୍ୟ ଓ ବିଜ୍ଞାନ, ସ୍ନାତକୋତ୍ତର, ବୈଷୟିକ ଉତ୍ତୀର୍ଣ୍ଣ ପ୍ରାର୍ଥୀ କର୍ମନିଯୁକ୍ତି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

**ନିଯୁକ୍ତି ପାଇଥିବା ବ୍ୟକ୍ତିଙ୍କ ବିବରଣୀ**

36 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ ପ୍ରତିଷ୍ଠିତ କେଉଁ କେଉଁ ସରକାରୀ ଉଦ୍ୟୋଗରେ କେତେଜଣ ବ୍ୟକ୍ତିଙ୍କୁ ନିଯୁକ୍ତି ଓ ଆତ୍ମନିଯୁକ୍ତିର ସୁଯୋଗ ପ୍ରଦାନ କରାଯାଇଛି ତାହାର ବିବରଣୀ ପ୍ରଦାନ କରିବେ କି?

----

## ବଲାଙ୍ଗୀର ଜିଲ୍ଲାରେ ବନୀକରଣ

37 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ କେଉଁ ତହସିଲ ଅଧିନରେ କେଉଁ ରାଜସ୍ୱ ଗ୍ରାମରେ କେତେ ଗ୍ରାମ୍ୟ ଜଙ୍ଗଲ ଜମି ଥିବାବେଳେ ତନ୍ମଧ୍ୟରୁ କେତେ ଜମିରେ ବନୀକରଣ ହୋଇଛି ଅବଶିଷ୍ଟ ଜମିରେ ଚଳିତ ବର୍ଷ ବୃକ୍ଷ ରୋପଣ ପୂର୍ବକ ବନୀକରଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ନିର୍ବାହୀ ଅଧିକାରୀ ପଦବୀ ପୂରଣ

38 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଂଚାୟତରେ ନିର୍ବାହୀ ଅଧିକାରୀ ପଦବୀ ଖାଲିଅଛି ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଶିକ୍ଷାନୁଷ୍ଠାନକୁ ବିଦ୍ୟୁତକରଣ ପୂର୍ଣ୍ଣାଙ୍ଗ ପାଇଁ ପଦକ୍ଷେପ

39 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବଲାଙ୍ଗୀର ଜିଲ୍ଲାରେ କେଉଁ ଶିକ୍ଷାନୁଷ୍ଠାନରେ ଅଦ୍ୟାବଧି ଗ୍ରାମ ଉନ୍ନୟନ ଜିଇଡି ମାଧ୍ୟମରେ ବିଦ୍ୟୁତକରଣ ପୂର୍ଣ୍ଣାଙ୍ଗ ହୋଇଛି ଅବଶିଷ୍ଟ ଶିକ୍ଷାନୁଷ୍ଠାନକୁ ବିଦ୍ୟୁତକରଣ ପୂର୍ଣ୍ଣାଙ୍ଗ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ପଂଜିକୃତ ଶ୍ରମିକ ପାଉଥିବା ସୁବିଧା ସୁଯୋଗର ବିବରଣୀ

40 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଆଠଗଡ ନିର୍ବାଚନ ମଣ୍ଡଳୀରେ କେଉଁ ବ୍ଲକରେ କେତେ ନିର୍ମାଣ ଶ୍ରମିକ ଓ କୋଠାବାଡି ଶ୍ରମିକ ପଞ୍ଜିକୃତ ହୋଇଅଛି ଏବଂ ସେମାନଙ୍କ ମଧ୍ୟରୁ 2019 ଠାରୁ 2024 ବର୍ଷ ମଧ୍ୟରେ କି କି ସୁବିଧା ସୁଯୋଗ ପାଇଛନ୍ତି ତାର ଏକ ବର୍ଷୱାରୀ ତାଲିକା ଦେବା ସହ ସେମାନଙ୍କୁ ସ୍ୱାସ୍ଥ୍ୟବୀମା ଓ ବୀମାଭୁକ୍ତ କରିବା ସହ EPF ଓ ESI ପରିସରରେ ଅନ୍ତର୍ଭୁକ୍ତ କରିବାର ବ୍ୟବସ୍ଥା କରିବେ କି ?

----

## ବେଆଇନ ଜଙ୍ଗଲଜାତ ଦ୍ରବ୍ୟର ଚୋରାଚାଲାଣ

41 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- 2019 ରୁ 2024 ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ବନଖଣ୍ଡ / ଉପଖଣ୍ଡ ଅଧିନରେ ବେଆଇନ ଜଙ୍ଗଲଜାତ ଦ୍ରବ୍ୟର ଚୋରାଚାଲାଣ ହେଉଥିବାବେଳେ କେତେ ପରିମାଣର କେଉଁ ଦ୍ରବ୍ୟ ଜବତ ହୋଇ କେଉଁମାନଙ୍କ ନାମରେ କେଉଁ ଥାନାରେ ମାମଲା ରୁଜୁ ହୋଇଛି ତା'ର ଜିଲ୍ଲାୱାରୀ ଓ ବନଖଣ୍ଡୱାରୀ ଏକ ତାଲିକା ଦେବେକି, ଏହି ମାମଲାରେ କେଉଁମାନେ ଦଣ୍ଡିତ ହୋଇଛନ୍ତି ଏବଂ କେଉଁମାନେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ତାର ତଥ୍ୟ ପ୍ରଦାନ କରିବେ କି ?

----

## Mega Water Supply କାର୍ଯ୍ୟ ପାଇଁ ହୋଇଥିବା ଅର୍ଥ ମଞ୍ଜୁରର ତାଲିକା

42 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଘରେ ଘରେ ପାନୀୟଜଳ ଯୋଗାଣକୁ ଦୃଷ୍ଟିରେ ରଖି କଟକ ଜିଲ୍ଲାରେ କେଉଁ ବ୍ଲକ ଗୁଡ଼ିକରେ ହୋଇଥିବା Mega Water Supply କାର୍ଯ୍ୟ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଅଛି ତା'ର ତାଲିକା ଦେବାସହ ବର୍ତ୍ତମାନ ସୁଦ୍ଧା କେଉଁ ବ୍ଲକର କେଉଁ ପଞ୍ଚାୟତ ଗୁଡ଼ିକ ସଫଳତାର ସହ ପାନୀୟ ଜଳ ଯୋଗାଣ କାର୍ଯ୍ୟକାରୀ ହେଉଅଛି ଏବଂ ଅବଶିଷ୍ଟ ବ୍ଲକର କେଉଁ ପଞ୍ଚାୟତ ଗୁଡ଼ିକରେ କେବେ ସୁଦ୍ଧା ପାନୀୟ ଜଳ ଯୋଗାଣ କରାଯିବା ପାଇଁ ସ୍ଥିର କରାଯାଇଛି ତା'ର ସବିଶେଷ ବିବରଣୀ ଉପସ୍ଥାପନା କରିବେ କି; ଏବଂ ଏହି ମେଗା ୱାଟର ସପ୍ଲାଇ ପାଇଁ କେଉଁ ଠିକାଦାର ସଂସ୍ଥା ଦ୍ୱାରା କେତେ ମୂଲ୍ୟର କାର୍ଯ୍ୟ ସମ୍ପାଦାନ କରୁଛନ୍ତି ଓ ବିଭାଗ ପକ୍ଷରୁ ହୋଇଥିବା ଚୁକ୍ତିନାମା କ'ଣ ଥିଲା ତାର ଏକ ତଥ୍ୟ ପ୍ରଦାନ କରିବେ କି ?

----

## ରାସ୍ତାକଡ଼ରେ ବୃକ୍ଷରୋପଣ ପାଇଁ ହୋଇଥିବା ଅର୍ଥ ବିନିଯୋଗ

43 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନରସିଂହପୁର ରାସ୍ତାର ଉଭୟ ପାର୍ଶ୍ୱରେ ରାସ୍ତାକଡ଼ରେ ବୃକ୍ଷରୋପଣ ଓ ଚାରା ପାଇଁ ୨୦୧୯ -୨୦୨୪ ବର୍ଷରେ DFO-Cuttack, DFO-Athagarh କେତେ ଅର୍ଥ ପାଇଥିଲେ, ଏବଂ କେଉଁ ଅଞ୍ଚଳରେ ଏହି କାର୍ଯ୍ୟକ୍ରମରେ କେତେ ଅର୍ଥ ବିନିଯୋଗ କରିଛନ୍ତି ତା'ର ଏକ ରେଞ୍ଜୱାରୀ ତାଲିକା ପ୍ରଦାନ କରିବେ କି, ଏବଂ ରାସ୍ତା କଡ଼ରେ ଲାଗିଥିବା ଗଛ ମଧ୍ୟରୁ କେତେ ବଞ୍ଚିଲା ଏହାର ଚିହ୍ନଟ କରି ତା'ର ରକ୍ଷଣା ବେକ୍ଷଣ ପାଇଁ କ'ଣ ପଦକ୍ଷେପ ନିଆଯାଇଛି ଏହାର ସବିଶେଷ ବିବରଣୀ ପ୍ରଦାନ କରିବେ କି ?

----

## ଶିକାରୀମାନଙ୍କ ଦ୍ୱାରା ଶିକାର ହୋଇଥିବା ହାତୀର ସଂଖ୍ୟା

44 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ୨୦୧୯ - ୨୦୨୪ ବର୍ଷ ମଧ୍ୟରେ କେତୋଟି ହାତୀ କେଉଁ ରେଞ୍ଜ ଅଧିନରେ ଶିକାରୀମାନଙ୍କ ଦ୍ଵାରା ଶିକାର ହୋଇଛନ୍ତି ଏବଂ କେତୋଟି ହାତୀ ରୁଗଣ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି ଓ ବର୍ତ୍ତମାନ କେଉଁ ରେଞ୍ଜରେ କେତେ ହାତୀ ଅଛନ୍ତି ତା'ର ଏକ ତାଲିକା ପ୍ରଦାନ କରିବା ସହ ହାତୀ ହତ୍ୟା ଅଭିଯୋଗରେ କେଉଁ ଶିକାରୀ ଓ ଫରେଷ୍ଟ ଅଧିକାରୀ ସମ୍ପୃକ୍ତି ନେଇ କେଉଁ ଥାନାରେ କେତୋଟି ମାମଲା ରୁଜୁ ହୋଇଛି ତା'ର ଏକ ସବିଶେଷ ବିବରଣୀ ପ୍ରଦାନ କରିବେ କି, ହାତୀମାନଙ୍କ ସୁରକ୍ଷା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ପଞ୍ଚାୟତ ଅଧିକାରୀ ପଦବୀ ପୂରଣ

45 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ରାଜ୍ୟରେ ମଞ୍ଜୁରୀପ୍ରାପ୍ତ ଜିଲ୍ଲା ପଞ୍ଚାୟତ ଅଧିକାରୀ, ଉପଖଣ୍ଡ ପଞ୍ଚାୟତ ଅଧିକାରୀ ଓ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀରୁ କେତେ ପଦବୀ ଖାଲି ଅଛି, ତାହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଆବେଦନକାରୀ ଶ୍ରମିକଙ୍କ ସଂଖ୍ୟା

46 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାହାଙ୍ଗା ନିର୍ବାଚନ ମଣ୍ଡଳୀର ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ କେତେ ନିର୍ମାଣ ଶ୍ରମିକ ଚିହ୍ନଟ ହୋଇ ପଞ୍ଜିକୃତ ହୋଇଥିବା ବେଳେ କେତେଜଣ ନିର୍ମାଣ ଶ୍ରମିକ ପଞ୍ଜିକରଣ ପାଇଁ ଆବେଦନ କରି ପ୍ରତୀକ୍ଷାରେ ଅଛନ୍ତି, ସେମାନଙ୍କୁ ପଞ୍ଜିକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ରାସ୍ତାକୁ କଙ୍କ୍ରିଂଟ ବା ପେବର ବ୍ଲକ କରିବାକୁ ପଦକ୍ଷେପ

47 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କେତେ କିଲୋମିଟର ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା କଂକ୍ରିଟ ଓ ପେବର ବ୍ଲକ ହୋଇଛି, ଉକ୍ତ ରାସ୍ତା ମଧ୍ୟରୁ କେତେ କିଲୋମିଟର ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ପ୍ରକାଶ କରି ସମସ୍ତ ରାସ୍ତାକୁ କଂକ୍ରିଟ ବା ପେବର ବ୍ଲକ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ

48 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି, ପ୍ରତ୍ୟେକ ଗ୍ରାମରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ସାଧାରଣ ଉଦ୍ୟୋଗର ବିବରଣୀ

49 **ଶ୍ରୀ ଶାରଦା ପ୍ରସାଦ ପଧାନ ( ମାହାଙ୍ଗା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷରେ ରାଜ୍ୟର କେଉଁ ସାଧାରଣ ଉଦ୍ୟୋଗ କେତେ ଲାଭ କ୍ଷତି କରିଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## କର୍ମଚାରୀ ରାଜ୍ୟବୀମା ମେଡ଼ିକାଲ କଲେଜ ଓ ହସ୍ପିଟାଲ ନିର୍ମାଣର ଅଗ୍ରଗତି

50 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ନିର୍ବାଚନ ମଣ୍ଡଳୀର ଅନ୍ଧାରୁଆ ଗ୍ରାମ ପଞ୍ଚାୟତର ଜଗନ୍ନାଥ ପ୍ରସାଦ ମୌଜାରେ ପ୍ରସ୍ତାବିତ କର୍ମଚାରୀ ରାଜ୍ୟବୀମା ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ନିର୍ମାଣ ପାଇଁ କେତେ ଜମି ଅଧିଗ୍ରହଣ ହୋଇଛି ଓ ଏହି ମେଡ଼ିକାଲ୍ କଲେଜ ଓ ହସ୍ପିଟାଲ୍ ନିର୍ମାଣ କେତେଦୂର ଅଗ୍ରଗତି ହୋଇଛି, ଏହାକୁ ପୂର୍ଣାଙ୍ଗ କରିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ସମସ୍ତ କର୍ମଚାରୀଙ୍କୁ ESI ଭୁକ୍ତ କରିବାକୁ ବ୍ୟବସ୍ଥା

51 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଥିବା ମହାଲକ୍ଷ୍ମୀ ସ୍ପଞ୍ଜ ଆଇରନ, କପିଳାସ ସିମେଣ୍ଟ ଓ ଅନ୍ୟ କେଉଁ ଶିଳ୍ପ ସଂସ୍ଥାରେ କେତେ ଜଣ ନିୟମିତ ଶ୍ରମିକ ଓ ଠିକାଶ୍ରମିକ ନିୟୋଜିତ ଥିବା ବେଳେ ତନ୍ମଧ୍ୟରୁ କେତେ ଜଣଙ୍କୁ କର୍ମଚାରୀ ରାଜ୍ୟବୀମାଭୁକ୍ତ କରାଯାଇଛି ଓ ସମସ୍ତ କର୍ମଚାରୀଙ୍କୁ ESIଭୁକ୍ତ କରିବାକୁ ସରକାର ବ୍ୟବସ୍ଥା କରିବେ କି ?

----

## ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ ପାଇଁ ପ୍ରସ୍ତାବ

52 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡ଼ଚଣା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଦର୍ଶନୀୟ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ କରାଯାଇ ବିଗତ ପାଞ୍ଚବର୍ଷରେ କେତେ ଅର୍ଥ ବିନିମୟରେ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟ ସମ୍ପାଦନ ହୋଇଛି ଏବଂ କେଉଁ କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ ପାଇଁ ପ୍ରସ୍ତାବ ଅଛି ଓ ଏହାର ବିକାଶ ସାଧନ ନିମନ୍ତେ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ମେଗା ପାନୀୟଜଳ ପ୍ରକଳ୍ପରେ ନୂତନ ନଳକୂପ ଖନନ

53 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଡ଼ଚଣା ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମପଞ୍ଚାୟତର କେଉଁ ରାଜସ୍ୱଗ୍ରାମ ଓ ପଡ଼ାଗ୍ରାମରେ କେତେ ଗୋଟି ନଳକୂପ ଥିବାବେଳେ ତନ୍ମଧ୍ୟରୁ କେତେଗୋଟି ଅଚଳ ଅବସ୍ଥାରେ ଅଛି, କେତୋଟି ଲବଣାକ୍ତ ଦୂଷିତ ଜଳ ନିର୍ଗତ ହେଉଛି, ଏହି ନଳକୂପ ଗୁଡ଼ିକୁ କାର୍ଯ୍ୟକ୍ଷମ କରି ସ୍ୱଚ୍ଛ ପାନୀୟଜଳ ନିର୍ଗତ ଉପଯୋଗୀ କରିବା ସହ ମେଗା ପାନୀୟଜଳ ପ୍ରକଳ୍ପ ବିଳମ୍ବିତ ହେଉଥିବା ପରିପ୍ରେକ୍ଷୀରେ ଜଳକଷ୍ଟ ଦୂରୀକରଣ ନିମନ୍ତେ ଆବଶ୍ୟକ ସ୍ଥଳେ ନୂତନ ନଳକୂପ ଖନନ ପାଇଁ ବ୍ୟବସ୍ଥା କରିବେ କି ?

----

## ଯାଜପୁର ଜିଲ୍ଲାର ସମସ୍ତ ଶ୍ରମିକଙ୍କୁ ESI ପରିସରଭୁକ୍ତ କରିବାକୁ ପଦକ୍ଷେପ

54 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଯାଜପୁର ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥା ଅଧୀନରେ କେତେ ନିର୍ମାଣ ଶ୍ରମିକ, କଳକାରଖାନା ଶ୍ରମିକ, କ୍ରସର ଶ୍ରମିକ, କୃଷି ଶ୍ରମିକ, ବ୍ୟବସାୟ ପ୍ରତିଷ୍ଠାନରେ କାର୍ଯ୍ୟରତ ଶ୍ରମିକ ଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ କର୍ମଚାରୀ ରାଜ୍ୟବୀମାଭୁକ୍ତ କରାଯାଇଛି ପ୍ରକାଶ କରି ସମସ୍ତ ଶ୍ରମିକଙ୍କୁ ESI ପରିସରଭୁକ୍ତ କରିବା ସହ ଚଣ୍ଡିଖୋଲଠାରେ ବନ୍ଦ ହୋଇଯାଇଥିବା କର୍ମଚାରୀ ରାଜ୍ୟ ଚିକିତ୍ସାଳୟକୁ ପୁନଃକାର୍ଯ୍ୟକ୍ଷମ କରିବାକୁ ବ୍ୟବସ୍ଥା କରିବେ କି ?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

55 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- (କ) ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ (୧) ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (୨) ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଓ ଗ୍ରାମ ଉନ୍ନୟନ ବିଭାଗର କେତେ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ କେଉଁ କେଉଁ ରାସ୍ତା ଥିବାବେଳେ ତନ୍ମଧ୍ୟରୁ କେଉଁ ରାସ୍ତାର କେତେ କିଲୋମିଟର ଅଂଶ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ (ଖ) ବନ୍ଧାଳଠାରୁ ଏଣ୍ଡରପଦା ପର୍ଯ୍ୟନ୍ତ କେତେ କିଲୋମିଟର ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି, ଶାଳପଡ଼ାଠାରୁ ଗୋଡ଼ାସାହି ପର୍ଯ୍ୟନ୍ତ କେତେ କିଲୋମିଟର ରାସ୍ତା ବାଦ ପଡ଼ିଥିବା ପରିପ୍ରେକ୍ଷୀରେ ଏହି ଅଂଶକୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ପାଇଁ ବ୍ୟବସ୍ଥା କରିବେ କି ?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

56 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକରେ କେତେ କିଲୋମିଟର ଗ୍ରାମ ଉନ୍ନୟନ ରାସ୍ତା ଥିଲାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ରାଜ୍ୟବୀମାଭୁକ୍ତ କରାଯାଇଥିବା କର୍ମଚାରୀଙ୍କ ସଂଖ୍ୟା

57 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ କେତେଜଣ କୃଷି ଶ୍ରମିକ, ନିର୍ମାଣ ଶ୍ରମିକ, ଶିଳ୍ପସଂସ୍ଥା ଓ ଅନ୍ୟବର୍ଗର ଶ୍ରମିକ (ମହିଳା ଓ ପୁରୁଷ) ଚିହ୍ନଟ ହୋଇଥିବାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ କର୍ମଚାରୀ ରାଜ୍ୟବୀମାଭୁକ୍ତ କରାଯାଇଛି ସମସ୍ତ ଶ୍ରମିକଙ୍କୁ କର୍ମଚାରୀ ରାଜ୍ୟବୀମାଭୁକ୍ତ କରିବାକୁ କି ପଦକ୍ଷେପ ନିଆଯାଉଅଛି ?

----

## ଜୋରିମାନା ପ୍ରଦାନର ତାଲିକା

58 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଟକ ଜିଲ୍ଲାରେ ବିଗତ ତିନି ବର୍ଷରେ ପରିବେଶ ଆଇନ ଉଲ୍ଲଘଂନ କରି କେତେ ଜଣ କେତେ ପରିମାଣର ଜୋରିମାନା ପ୍ରଦାନ କରିଛନ୍ତି ତାହାର ତାଲିକା ପ୍ରଦାନ କରିବେ କି ?

----

## ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦକୁ କାର୍ଯ୍ୟକାରୀ

59 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ନବଗଠିତ ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ କେବେଠାରୁ କାର୍ଯ୍ୟକାରୀ କରାଯିବ ପ୍ରକାଶ କରିବେ କି ?

----

## ପଞ୍ଜିକୃତ ଶ୍ରମିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ

60 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଭଦ୍ରକ ଜିଲ୍ଲାରେ କେଉଁ ବର୍ଗର କେତେ ଶ୍ରମିକ ପଞ୍ଜିକୃତ ହୋଇଥିବା ବେଳେ ସେମାନଙ୍କ କଲ୍ୟାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ମୌସୁମୀ ବର୍ଷା ଓ ଲଘୁଚାପ ଜନିତ ବର୍ଷା ସମ୍ପର୍କରେ

61 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଭଦ୍ରକ ଜିଲ୍ଲାରେ ବିଗତ ତିନି ବର୍ଷରେ କେତେ ବୃଷ୍ଟିପାତ ହୋଇଛି, ତନ୍ମଧ୍ୟରୁ କେତେ ମୌସୁମୀ ବର୍ଷା ଓ ଲଘୁଚାପ ଜନିତ ବର୍ଷା ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ନିର୍ବାହୀ ଅଧିକାରୀ ପଦବୀ ପୂରଣ

62 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଭଦ୍ରକ ଜିଲ୍ଲାର କେଉଁ ଗ୍ରାମ ପଞ୍ଚାୟତରେ ନିର୍ବାହୀ ଅଧିକାରୀ ପଦବୀ ଖାଲି ଅଛି, ଏହା ପୂରଣ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଜବରଦଖଲ ମୁକ୍ତ କରି ପୁନଃ କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

63 **ଶ୍ରୀ ସଂଜୀବ କୁମାର ମଲ୍ଲିକ (ଭଣ୍ଡାରୀପୋଖରୀ)ː**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟର କେଉଁ ଜିଲ୍ଲାରେ କେଉଁଠାରେ ଥିବା କେଉଁ ସରକାରୀ ଉଦ୍ୟୋଗ ଅଚଳ ଅବସ୍ଥାରେ ଥିବାବେଳେ ତନ୍ମଧ୍ୟରୁ କେତେ ଜାଗା ଜବରଦଖଲ ହୋଇଛି, ତାହାକୁ ଜବରଦଖଲମୁକ୍ତ କରି ପୁନଃ କାର୍ଯ୍ୟକ୍ଷମ କରିବାକୁ କି ପଦକ୍ଷେପ ନିଆଯାଉଛି ?

----

## ସମାନୁପାତିକ ବେତନ ଓ ମହଙ୍ଗା ଭତ୍ତା ପ୍ରଦାନ

64 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ରାଜ୍ୟର କେଉଁ ସାଧାରଣ ଉଦ୍ୟୋଗ କର୍ମଚାରୀମାନଙ୍କୁ କେଉଁ ବେତନ କମିଶନ ସୁପାରିଶ ଆଧାରରେ କେତେ ବେତନ ଓ ମହଙ୍ଗା ଭତ୍ତା ପ୍ରଦାନ କରାଯାଉଛି, ପ୍ରକାଶ କରି ସମସ୍ତ ସାଧାରଣ ଉଦ୍ୟୋଗ କର୍ମଚାରୀଙ୍କୁ ସମାନୁପାତିକ ବେତନ ଓ ମହଙ୍ଗା ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରିବେ କି ?

----

## ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସଡକ ସଂଯୋଗ

65 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ)ː**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିː-ː- ଖୋର୍ଦ୍ଧା ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମ ଓ ପଡା ଗ୍ରାମକୁ ସଡକ ସଂଯୋଗ ହୋଇନାହିଁ, ପ୍ରକାଶ କରି ସେହି ଗ୍ରାମକୁ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ସଡକ ସଂଯୋଗ ପାଇଁ କି ପଦକ୍ଷେପ ନିଆଯାଉଅଛି ?

----

## ଗ୍ରାମ ଓ ପଡା ଗ୍ରାମକୁ ସଡକ ସଂଯୋଗ

66 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଖୋର୍ଦ୍ଧା ଜିଲ୍ଲାର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମ ଓ ପଡା ଗ୍ରାମକୁ ଅଦ୍ୟାବଧି ସଡକ ସଂଯୋଗ ହୋଇନାହିଁ, ପ୍ରକାଶ କରି ସେହି ଗ୍ରାମକୁ ସଡକ ସଂଯୋଗ ପାଇଁ କି ପଦକ୍ଷେପ ନିଆଯାଉଛି ?

----

## ନିର୍ଗତ ବର୍ଜ୍ୟବସ୍ତୁର ପରିଚାଳନା

67 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଜଟଣୀ ସହରରୁ ନିର୍ଗତ ବର୍ଜ୍ୟ ବସ୍ତୁର ପରିଚାଳନା ସହ ସେଥିରୁ ଜୈବିକ ଖତ ପ୍ରସ୍ତୁତ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

## ଅକାଳ ମୃତ୍ୟୁ ବରଣ କରିଥିବା ଦାଦନଙ୍କ ତାଲିକା

68 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବିଗତ ପାଞ୍ଚ ବର୍ଷରେ ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକ ଓ ପୌରସଂସ୍ଥାରୁ କେତେ ବ୍ୟକ୍ତି ଦାଦନ ଭାବେ ବାହାର ରାଜ୍ୟକୁ କର୍ମ ନିୟୋଜନ ନିମନ୍ତେ ଯାଇଛନ୍ତି, ତନ୍ମଧ୍ୟରୁ କେତେ ବ୍ୟକ୍ତି ସେଠାରେ ଅକାଳ ମୃତ୍ୟୁବରଣ କରିଛନ୍ତି, ତାହାର ତାଲିକା ପ୍ରଦାନ ସହ ଜିଲ୍ଲାରୁ ଦାଦନ ଚାଲାଣ ସମ୍ପୂର୍ଣ୍ଣ ବନ୍ଦ ପାଇଁ କି କଠୋର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ପଞ୍ଜିକୃତ କେନ୍ଦୁପତ୍ର ଶ୍ରମିକଙ୍କ କଲ୍ୟାଣ ପାଇଁ ପଦକ୍ଷେପ

69 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାର କେଉଁ ବ୍ଲକ ଓ ପୌର ସଂସ୍ଥା ଅଧିନରେ କେତେଜଣ ପଞ୍ଜିକୃତ କେନ୍ଦୁପତ୍ର ଶ୍ରମିକ ଥିଲାବେଳେ ସେମାନଙ୍କ କଲ୍ୟାଣ ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ?

----

## ପ୍ରତ୍ୟେକ ୱାର୍ଡରେ କଲ୍ୟାଣ ମଣ୍ଡପ ନିର୍ମାଣ

70 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳ ପରିଷଦର କେଉଁ ସ୍ଥାନରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି, ପ୍ରକାଶ କରି ପ୍ରତ୍ୟେକ ୱାର୍ଡରେ ସାମାଜିକ କାର୍ଯ୍ୟ ସମ୍ପାଦନ ନିମନ୍ତେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ବଲାଙ୍ଗୀର ଜିଲ୍ଲାରେ ସରକାରୀ ଉଦ୍ୟୋଗର ବିକ୍ରି

71 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ବଲାଙ୍ଗୀର ଜିଲ୍ଲାରେ ଅଚଳ ଥିବା କେଉଁ ସରକାରୀ ଉଦ୍ୟୋଗକୁ କେତେ ମୂଲ୍ୟରେ କେଉଁ ସଂସ୍ଥାକୁ ବିକ୍ରୟ ବା ଲିଜ୍ ଦିଆଯାଇଛି, ତାହାର ବିବରଣୀ ପ୍ରଦାନ କରିବେ କି ?

----

## ବୃକ୍ଷ ରୋପଣ ପାଇଁ ପଦକ୍ଷେପ

72 **ଶ୍ରୀ ତାରା ପ୍ରଶାଦ ବାହିନିପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷପାଇଁ ଜଙ୍ଗଲ ବିଭାଗ ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲା ସହ ଜୟପୁର ନିର୍ବାଚନ ମଣ୍ଡଳୀରେ ବୃକ୍ଷ ରୋପଣ ପାଇଁ କି ପଦକ୍ଷେପ ନିଆଯାଇଛି ଏବଂ ଏହାର ସଂରକ୍ଷଣ ପାଇଁ ସରକାର କି କି ଯୋଜନା କରିଛନ୍ତି ଏହାର ଏକ ବିବରଣୀ ପ୍ରଦାନ କରିବେ କି ?

----

## ଜୟପୁର ସହରର ଡ୍ରେନେଜ ବ୍ୟବସ୍ଥା

73 **ଶ୍ରୀ ତାରା ପ୍ରଶାଦ ବାହିନିପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷ ପାଇଁ ବିଭାଗ ତରଫରୁ ଜୟପୁର ସହରର ଡ୍ରେନେଜ ବ୍ୟବସ୍ଥା ଏକ ନୂତନ ଭାବେ ଗତ ସରକାରରେ NAC ମାନ୍ୟତା ପାଇଥିବା ବୋରିଗୁମ୍ମା ସହର ଉନ୍ନତିକରଣ ପାଇଁ ଚଳିତ ଆର୍ଥିକ ବର୍ଷରେ କି କି ପଦକ୍ଷେପ ନିଆଯାଇଛି ତାହାର ତଥ୍ୟ ପ୍ରଦାନ କରିବେ କି ?

----

## ଅଚଳ ହୋଇ ପଡିଥିବା ସରକାରୀ ଉଦ୍ୟୋଗ ଗୁଡିକୁ ସଚଳ କରିବା ପାଇଁ ପଦକ୍ଷେପ

74 **ଶ୍ରୀ ତାରା ପ୍ରଶାଦ ବାହିନିପତି (ଜୟପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:-:- ଚଳିତ ଆର୍ଥିକ ବର୍ଷ ପାଇଁ ବିଭାଗ ତରଫରୁ ଅବିଭକ୍ତ କୋରାପୁଟ ଜିଲ୍ଲା ସହ ଜୟପୁର ନିର୍ବାଚନ ମଣ୍ଡଳୀରେ ଅଚଳ ହୋଇ ପଡିଥିବା ସରକାରୀ ଉଦ୍ୟୋଗ ଗୁଡିକୁ ସଚଳ କରିବା ଏବଂ ସେଥିରେ ନିୟୋଜିତ ହୋଇଥିବା ବେକାର କର୍ମଚାରୀ ମାନଙ୍କ ପ୍ରାପ୍ୟ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ପାଇଁ କି କି ପଦକ୍ଷେପ ନେବାକୁ ଯୋଜନା କରିଛନ୍ତି ?

----

## ସଂସ୍ଥା ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

75 **ଶ୍ରୀ ତାରା ପ୍ରଶାଦ ବାହିନିପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚଳିତ ଆର୍ଥିକ ବର୍ଷ ପାଇଁ ସରକାରୀ ଅନୁଷ୍ଠାନ ମାନଙ୍କରେ ବେସରକାରୀ ସଂସ୍ଥାଙ୍କ ଦ୍ୱାରା ନିଯୁକ୍ତ କର୍ମଚାରୀ ମାନଙ୍କ P.F. ଓ E.S.I ଅର୍ଥ ଠିକ୍ ସମୟରେ ପଇଠ କରୁନଥିବା ଯୋଗୁଁ କର୍ମଚାରୀମାନେ ସମୟ ସମୟରେ ଆନ୍ଦୋଳନ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସୁଛି କି, ଏହି ଅଭିଯୋଗ ଉପରେ ସଂସ୍ଥା ମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରକାର ଚିନ୍ତା କରିଛନ୍ତି ?

----

## ସମସ୍ତ ଉଦ୍ୟୋଗରେ ପଦବୀ ପୂରଣ

76 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଉଦ୍ୟୋଗର କ୍ଷତି ଭରଣା କରି ଲାଭରେ ପହଞ୍ଚାଇବା ପାଇଁ ଏବଂ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସମସ୍ୟା ଦୂର କରିବା ପାଇଁ ଖାଲିଥିବା ପଦବୀ ପୂରଣ ପାଇଁ ପଦକ୍ଷେପ ନେବେ କି ?

----

## ବାଲିଗୁଡା NAC ଅଞ୍ଚଳରେ ଥିବା ଲୋକଙ୍କୁ ସୁବିଧା ପ୍ରଦାନ

77 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାଲିଗୁଡା NAC ଅଞ୍ଚଳରେ ଥିବା ସମସ୍ତ ମୁକୁଳା ଡ୍ରେନ୍ ରେ ସ୍ଲାବ ପଡିବା, ଡ୍ରେନ ସଫେଇ ହେବା, ରାସ୍ତା କଡରେ ପବ୍ଲିକ Toilet କରିବା ଓ ବିଶେଷକରି ସମସ୍ତ ଛକ ଜାଗା ମାନଙ୍କରେ ଆଲୋକିକରଣ କରିବା ସହ Bus Stoppage ମାନଙ୍କରେ ଯାତ୍ରୀ ଅପେକ୍ଷା ଗୃହ, ବସ୍ତି ବାସିନ୍ଦାଙ୍କୁ ଜାଗା ମିଶନ ମାଧ୍ୟମରେ ଜମି ପ୍ରଦାନ ବ୍ୟବସ୍ଥା ଗୁଡିକୁ ସରକାର ବ୍ୟବସ୍ଥିତ ଢଙ୍ଗରେ ଆଗେଇନେଇ ଲୋକମାନଙ୍କୁ ସୁବିଧା ପ୍ରଦାନ କରିବେ କି, କେତେ ପରିବାରଙ୍କୁ ପାନୀୟ ଜଳ ଯୋଗାଣ ହୋଇଛି ଜଣାଇବେ କି ?

----

## ଦାଦନ ଶ୍ରମିକ ମାନଙ୍କୁ ସୁବିଧା ପ୍ରଦାନ

78 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ରାଜ୍ୟରେ ଦାଦନ ଶ୍ରମିକ ମାନଙ୍କ ସମସ୍ୟା ବୁଝିବା ପାଇଁ ଓ ଶ୍ରମିକ ମାନଙ୍କ ହାତକୁ କାମ ଦେବାପାଇଁ ସରକାର ପଦକ୍ଷେପ ନେବେ କି, ସେହିଭଳି ବିଭିନ୍ନ କଳ କାରଖାନା ଖଣି ଖାଦାନରେ ବାହାର ରାଜ୍ୟର ଲୋକଙ୍କୁ କର୍ମନିଯୁକ୍ତି ନ ଦେଇ ଓଡିଆ ଲୋକଙ୍କୁ କର୍ମନିଯୁକ୍ତି ଦେବାପାଇଁ ପଦକ୍ଷେପ ନେବେ କି ?

----

## ସଡକ ପଥ ନିର୍ମାଣ ପାଇଁ ନୀତି ନିର୍ଦ୍ଧାରଣ

79 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ଚଳିତ ବର୍ଷ ରାଜ୍ୟରେ କେତେ କି.ମି. ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ସଡକ ପଥ ନିର୍ମାଣ ହେବ (PMGSY) ଏବଂ ମୁଖ୍ୟମନ୍ତ୍ରୀ ସଡକ ଯୋଜନା (MMSY) ରେ କେତେ କି.ମି. ସଡକ ପଥ ନିର୍ମାଣ ହେବ ଏହାର ନୀତି ନିର୍ଦ୍ଧାରଣ ହୋଇଛି କି, ଉତ୍ତର 'ହଁ' ହେଲେ ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

## ଖୋଲା Chamber ଉପରେ ସିମେଣ୍ଟ ସ୍ଲାବ ଦେବାପାଇଁ ବ୍ୟବସ୍ଥା

୪୦ **ଶ୍ରୀ ତୁଷାରକାନ୍ତି ବେହେରା (କାକଟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-ଃ- ବାରିପଦା ସହରସ୍ଥ ୱାର୍ଡ ନଂ-1 ବୁଢୀଖମାରୀ ଶାସନ ସାହିର ମୁଖ୍ୟ ରାସ୍ତା ଉପରେ ପାନୀୟ ଜଳ ଯୋଗାଣ ନିମନ୍ତେ ଯାଇଥିବା ପାଇପ ର ଚାବି ନିମନ୍ତେ ରହିଥିବା Chamber ଖୋଲା ଅବସ୍ଥାରେ ବହୁଦିନ ଧରି ରହିଥିବା କାରଣରୁ ସେଠାକାର ବାସିନ୍ଦା ଏବଂ ଅନ୍ୟମାନେ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି, ଏଣୁ ସରକାର ଏଥିପ୍ରତି ଧ୍ୟାନପୂର୍ବକ ଉକ୍ତ ଖୋଲା Chamber ଉପରେ ସିମେଣ୍ଟ ସ୍ଲାବ ଦେବାପାଇଁ ବ୍ୟବସ୍ଥା କରିବେ କି ?

----